# ତହସିଲ କାର୍ଯ୍ୟାଳୟ,ଜଗତସିଂହପୁର

## ନିଲାମ ବିଜ୍ଞାପନ

ବିଜ୍ଞାପନ ସଂଖ୍ୟା : ୧୪୨୮

ତାରିଖ: ୧୩.୦୫.୨୦୨୧

ଏତତ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ଜଗତସିଂହପୁର ତହସିଲ ଅଧିନରେ ଥିବା ମୁଣ୍ଡିଲୋ-ପାଟେଣିଗାଁ ଦେବୀନଦୀ ସୈରାତ ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ) ର ଆଗାମି ପାଞ୍ଚ ବର୍ଷ ନିମନ୍ତେ (ଦୀର୍ଘ ମିଆଦୀ) ଲିଜ ପାଇଁ ଜଉମୁଦ ସଲଗ୍ନ ଟେଣ୍ଡର ମାଧ୍ୟମରେ ସର୍ବସାଧାରଣରେ ନିଲାମ କରାଯିବ । ସୈରାତ ସମ୍ବନ୍ଧୀୟ ସମସ୍ତ ତଥ୍ୟ,ଆବେଦନ ର ବିବରଣୀ ଓ ନିୟମାବଳୀ ଜଗତସିଂହପୁର ଜିଲ୍ଲା ୱେବ ସାଇଟ୍ www.jagatsinghpur.nic.in ରେ ଉପଲବ୍ଧ ଅଛି । ଆବେଦନ ପାଇଁ ଇଚ୍ଛୁକ ବ୍ୟକ୍ତି ଜଗତସିଂହପୁର ତହସିଲଦାରଙ୍କ କାର୍ଯ୍ୟାଳୟରେ ନିର୍ଦ୍ଧାରିତ କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରନ୍ତି । ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନି ଦରଖାସ୍ତ ରେଜିଷ୍ଟ୍ରି/ସ୍ପିଡ ପୋଷ୍ଟ ଜରିଆରେ କିମ୍ବା ତହସିଲଦାରଙ୍କ କାର୍ଯ୍ୟାଳୟରେ ଥିବା Tender Box ରେ ବ୍ୟକ୍ତିଗତ ଭାବରେ ପକାଇ ପାରିବେ । ଦରଖାସ୍ତ ଗ୍ରହଣ ତାରିଖ ଆସନ୍ତା ତା 15.05.2021 ରିଖ ଠାରୁ ତା 03.06.2021 ରିଖ ଅପରାହ୍ନ 1.00 ଘଟିକା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଅଛି । ଧାର୍ଯ୍ୟ ସମୟ ଗତେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ।

ତହସିଲଦାରଙ୍କ ଦ୍ୱାରା ସୈରାତ ଉତ୍ସର ନିଲାମ ଆବେଦନକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିମାନଙ୍କ ଉପସ୍ଥିତିରେ ପ୍ରଥମ ଧାର୍ଯ୍ୟ ତା 04.06.2021 ରିଖ ଦିବା 10 ଘଟିକା ରେ ତହସିଲଦାରଙ୍କ କାର୍ଯ୍ୟାଳୟରେ ଚୁଡାନ୍ତ କରାଯିବ। କୌଣସି କାରଣରୁ ନିଲାମ ନ ହୋଇ ପାରିଲେ ଦ୍ୱିତୀୟ ତା 07.06.2021 ରିଖ ଏବଂ ଦ୍ୱିତୀୟ ତାରିଖରେ ନ ହୋଇ ପାରିଲେ ତୃତୀୟ ତା 09.06.2021 ରିଖ ରେ ନିଲାମ କରାଯିବ । କୌଣସି କାରଣ ନ ଦର୍ଶାଇ ନିଲାମକୁ ସ୍ଥଗିତ କିମ୍ବା ରଦ୍ଦ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀ ଏବଂ ଜିଲ୍ଲାପାଳ, ଜଗତସିଂହପୁରଙ୍କ ର କ୍ଷମତା ପରିସରଭୁକ୍ତ ଅଟେ ।

13.5.21

ତହସିଲଦାର, ଜଗତସିଂହପୁର

# ତହସିଲ କାର୍ଯ୍ୟାଳୟ,ଜଗତସିଂହପୁର

ପତ୍ର ସଂଖ୍ୟା: ୧୪୨୯ ତାରିଖ: ୧୬.୦୭.୨୦୨୧

## ଦୀର୍ଘମିଆଦି ଲିଜ ନିମନ୍ତ ନିଲାମ ଇସ୍ତାହାର

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଓଡିଶା ସରକାରଙ୍କ ରାଜସ୍ଵ ବିଭାଗ ଅଧୀନସ୍ଥ ଜଗତସିଂହପୁର ତହସିଲ ଅନ୍ତର୍ଗତ ମୁଣ୍ଡିଲୋ- ପାଟେଣିଗାଁ ଦେବୀନଦୀ ସୈରାତ ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ) ର ଆଗାମି ପାଞ୍ଚ ବର୍ଷ ନିମନ୍ତେ ଦରଖାସ୍ତ ଆହ୍ଵାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତି ବିଶେଷ OMMC( AMMENDMENT) RULE, 2016 FORM-M ପୂରଣ କରି ତିନି କପି ସହ ନିମ୍ନ ଲିଖିତ ଆବଶ୍ୟକୀୟ ଦସ୍ତାବିଜ ସଲଗ୍ନ କରି ଜଉମୁଦ ଲଫାଫା ରେ ରେଜିଷ୍ଟ୍ରି/ସ୍ପିଡ ପୋଷ୍ଟ ଜରିଆରେ ତହସିଲଦାର ଜଗତସିଂହପୁରଙ୍କ ଠିକଣାରେ କିମ୍ଵା ତହସିଲଦାରଙ୍କ କାର୍ଯ୍ୟାଳୟରେ ଥିବା Tender Box ରେ ବ୍ୟକ୍ତିଗତ ଭାବରେ ଆସନ୍ତା ତା 03.06.2021 ରିଖ ଅପରାହ୍ନ 1.00 ଘଟିକା ପର୍ଯ୍ୟନ୍ତ ପକାଇ ପାରିବେ (ଛୁଟିଦିନ ବ୍ୟତୀତ) ଏବଂ ତା-03.06.2021 ରିଖ ଅପରାହ୍ନ 1.00 ଘଟିକା ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡିକ ବିଚାରକୁ ନିଆଯିବ ନାହିଁ। ଲଫାଫା ଉପରେ ସୈରାତ କେଶ ନମ୍ବର ଲେଖା ଥିବା ଆବଶ୍ୟକ । କୌଣସି କାରଣ ନଦର୍ଶାଇ ନିଲାମ କୁ ସ୍ଥଗିତ/ରଦ୍ଧ କରିବାର କ୍ଷମତା (କ୍ଷମତା ପ୍ରାପ୍ତ) ଅଧିକାରୀ ଓ ଜିଲ୍ଲାପାଳ, ଜଗତସିଂହପୁରଙ୍କର ରହିଛି । ତା -04.06.2021 ରିଖ ଦିବା 10 ଘଟିକା ସମୟରେ ଲିଜ ଦରଖାସ୍ତକାରୀଙ୍କ (ଉପସ୍ଥିତି ରେ) ଦରଖାସ୍ତ ପୃଥକ ତନଖି କରାଯିବ । ଉପରୋକ୍ତ ଦିନ କୌଣସି କାରଣରୁ ନିଲାମ ନ ହୋଇ ପାରିଲେ ପରବର୍ତ୍ତୀ ନିଲାମ ଯଥାକ୍ରମେ ତା- 07.06.2021ରିଖ ଏବଂ ତା-09.06.2021 ରିଖ (ଦିବା 10 ଘଟିକା) ସମୟରେ ଅନୁଷ୍ଠିତ ହେବ ।

ଆବେଦନକାରୀ ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ ।

1. ଦରଖାସ୍ତ ପାଉଣା ବାବଦକୁ ଟ 1000.00 (ଏକ ହଜାର ଟଙ୍କା) ମାତ୍ର ର ଟ୍ରେଜେରୀ ଚାଲାଣ ।( Head of Account-0853-Non-ferrous Mining and Metallurgical Industries-102-Mining Concession fees,Rents and Royalities)
2. ସୈରାତ ଉତ୍ସ ବାବଦ କୌଣସି ବକେୟା ଅର୍ଥ ନ ଥିବା ସମ୍ବନ୍ଧୀୟ ସତ୍ୟପାଠ ।
3. ଆବେଦନକାରୀ ରୟାଲିଟି (Royalty) ଓ ଅତିରିକ୍ତ ଦେୟ (Additional Charge) ବାବଦକୁ ବାର୍ଷିକ ଶତକଡା 5% ହାରରେ ସ୍ଥିରୀକୃତ ହୋଇଥିବା ବାଲିର ପରିମାଣ ଉପରେ ଅମାନତ ରାଶି (Earnest Money) ଓ ଅନ୍ୟାନ୍ୟ ଦେୟ ଡିମାଣ୍ଡ ଡ୍ରାଫ୍ଟ ଆକାରରେ ପଇଠ କରିବେ । (Solvency Certificate)
4. ରାଜସ୍ଵ ଅଧିକାରୀଙ୍କ ଠାରୁ ପ୍ରାପ୍ତ ସଲଭେନ୍ସି ସାର୍ଟିଫିକେଟ କିମ୍ଵା ବ୍ୟାଙ୍କ ଗ୍ୟାରେଣ୍ଟି ଯାହାର ମୂଲ୍ୟ ବାର୍ଷିକ ସର୍ବ ନିମ୍ନ ସ୍ଥିରୀକୃତ ହୋଇଥିବା ଲଘୁ ଖଣିଜ ପଦାର୍ଥ ଅନୁସାରେ ଉପରୋକ୍ତ ରୟାଲିଟି ଓ ପ୍ରଦାନ କରୁଥିବା ଅତିରିକ୍ତ ଦେୟର ମୂଲ୍ୟ ଠାରୁ କମ୍ ହୋଇ ନ ଥିବା ଯଥା- MGQ X( Royality + Additional Charge offered) ଏବଂ ଏଥି ସହିତ ଅନାନ୍ୟ ସ୍ଥାବର ସମ୍ପତିର ବିବରଣୀ ପ୍ରଦାନ କରିବେ ।
5. ନିଲାମଧାରୀ (successful bidder), Mining Plan and Environmental Clearance ବାବଦକୁ ଦେୟ ପଇଠ କରିବାକୁ ହେବ । ଯଦି ଉକ୍ତ ଇସ୍ତାହାରରେ କୌଣସି ତୃଟି ପରିଲକ୍ଷିତ ହୁଏ ତେବେ ତାହାର ସଂଶୋଧନ କରିବା କ୍ଷମତା ପ୍ରାପ୍ତ ଅଧିକାରୀଙ୍କର ରହିଛି । ସୈରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟରେ (ଛୁଟିଦିନ ବ୍ୟତୀତ) ସମସ୍ତ କାର୍ଯ୍ୟ ଦିବସରେ ମିଳି ପାରିବ ଓ ଏହି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ବିବରଣୀ www.jagatsinghpur.nic.in ରେ ଉପଲବ୍ଧ ହେବ ।

# ସର୍ତ୍ତାବଳୀ

1. ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ OMMC(AMMENDMENT) RULE-2016 & 2017) ର ପରିସରଭୁକ୍ତ ରହିବେ ।
2. ପ୍ରଚଳିତ ନିୟମାବଳୀ ଅନୁଯାୟୀ ଅତିରିକ୍ତ ଦେୟ (Additional Charge) ବାବାଦକୁ ସର୍ବୋଚ ମୂଲ୍ୟ ଦରଜ କରିଥିବା ନିଲାମଧାରୀଙ୍କ ଦରଖାସ୍ତ କୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି 1 ରୁ ଅଧିକ ନିଲାମ ଧାରୀ ସମାନ ମୂଲ୍ୟ ପ୍ରଦାନ କରିଥିବେ,ତେବେ ଲଟେରୀ ମାଧମରେ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ ।
3. ସ୍ଥିରୀକୃତ ହୋଇଥିବା MGQ ଲଘୁ ଖଣିଜ ଦ୍ରବ୍ୟର ବାର୍ଷିକ ପରିମାଣ ସହିତ ଲିଜଧାରିଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସର୍ବୋଚ୍ଚ ଅତିରିକ୍ତ ଦେୟ (Additional Charge) ବାଲି ରୟାଲିଟ ନିମନ୍ତେ ଟ 35.00 per CUM ଏବଂ ବାର୍ଷିକ MGQ ପାଇଁ ଧାର୍ଯ୍ୟ District Mineral Fund (DMF) ( CONTRIBUTION PAYABLE TO DMF) ରାଶିର 25% (OMMC AMMENDMENT) RULE-2016 ର ନିୟମ-27(7) ଅନୁଯାୟୀ) ରୁ ପୂର୍ବ ଦଖଲ କରିଥିବା ବଇନା ରାଶି (Earnest money) କୁ ବାଦ ଦେଇ ଏକତ୍ର କରି ଅମାନତ ରାଶି (Security deposit) ଭାବରେ ଦାଖଲ କରିବେ । ଏହି ଅମାନତ ରାଶି ବିନା ସୁଧ (interst fee) ରେ ରଖାଯିବ । MGQ X( Royality + Additional Charge offered) + DMFC 10% OF ROYALIRY @ 25% ଅମାନତ ରାଶି ।
4. ସର୍ବୋଚ୍ଚ ନିଲାମଧାରୀ ଉତ୍ସ ପାଇଁ ପୂର୍ବରୁ ପ୍ରସ୍ତୁତ ହୋଇଥିବା Mining Plan ବାବଦରେ ମୂଲ୍ୟ ପଇଠ କରିବାକୁ ହେବ ।ପୁନଶ୍ଚ ନିଜ ଖର୍ଚ୍ଚରେ ନିର୍ଦ୍ଦିଷ୍ଟ ସମୟ ସୀମା ମଧରେ ପରିବେଶ ମଞ୍ଜୁରୀ (Envirnmental clearance) ସମ୍ପୃକ୍ତ ଅଧିକାରୀଙ୍କ ଠାରୁ ହାସଲ କରିବେ ।
5. ସର୍ବୋଚ୍ଚ ଅତିରିକ୍ତ ଦେୟ (Additional Charge) ମୂଲ୍ୟାଙ୍କ କରିଥିବା ଆବେଦନକାରୀ ନିର୍ଦ୍ଧାରିତ ସମୟ ସୀମା ମଧରେ ସମସ୍ତ ଦେୟ ପଇଠ ନ କରନ୍ତି ବା ଖିଲାପ କରନ୍ତି ତା ହେଲେ ଦ୍ୱିତୀୟ ସର୍ବାଧିକ ମୂଲ୍ୟାଙ୍କ କରିଥିବା ନିଲାମଧାରୀ ଙ୍କୁ ସୁଯୋଗ ଦିଆଯିବ ।
6. ଯଦି ଦ୍ୱିତୀୟ ସର୍ବୋଚ୍ଚ ଅତିରିକ୍ତ ଦେୟ ମୂଲ୍ୟାଙ୍କ କରିଥିବା ଆବେଦନକରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅର୍ଥ ରାଶି ପ୍ରଥମ ସର୍ବୋଚ୍ଚ ମୂଲ୍ୟାଙ୍କ କରିଥିବା ଆବେଦନକାରୀ ଙ୍କ ଅର୍ଥରାଶି ଠାରୁ ଅତିକମ ହୋଇଥାଏ ତେବେ ଲିଜ ପ୍ରକ୍ରିୟାକୁ ରଦ୍ଦ କରାଯାଇ (Controlling Authority) ଙ୍କ ଅନୁମତି କ୍ରମେ ନୂତନ ରୂପେ ନିଲାମ କରାଯିବ ।
7. ଯଦି ଦରଖାସ୍ତକାରୀ ଧାର୍ଯ୍ୟ ମୂଲ୍ୟ ଠାରୁ କମ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତଥା ବିଜ୍ଞାପନରେ ଆବଶ୍ୟକ ଦସ୍ତାବିଜ ଦାଖଲ କରି ନ ଥାନ୍ତି ତେବେ ଦରଖାସ୍ତକୁ ବିଚାରକୁ ଦିଆଯିବ ନାହିଁ ।
8. ଲିଜଧାରୀ ପ୍ରତିବର୍ଷ ପ୍ରଚଳିତ ଆଇନ ଅନୁସାରେ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଉଥିବା Surface Rent, Dead Rent & Royality ଅନ୍ୟାନ୍ୟ ସରକାରୀ ଦେୟ ପଇଠ କରିବେ ।
9. ଲିଜଧାରୀ ଉପରୋକ୍ତ ଦେୟ ସହିତ District Mineral Foundation Fund (DMF) and Environmental Management Fund (EMF) ବାବାଦ ଅର୍ଥ ରାଶି ବାର୍ଷିକ ଅଗ୍ରିମ ଆକାରରେ ପ୍ରଦାନ କରିବେ ।
10. ନିଲାମଧାରୀ OMMC(Amendment) RULE-2016 ) ର ନିୟମ 33 (1-29) ର ସମସ୍ତ ସର୍ତ୍ତାବଳୀ ମାନିବା ପାଇଁ ବାଧ ହେବେ ।
11. ନିଲାମଧାରୀ ଲଘୁ ଖଣିଜ ଦ୍ରବ୍ୟ କୁ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ବିନା ଅନୁମତିରେ ରାଜ୍ୟ ବାହାରକୁ ଚାଲାଣ କରିପାରିବେ ନାହିଁ ।
12. ନିଲାମଧାରୀ ଜମା ରୟାଲିଟି ର 2% ଆୟକର ବାବଦକୁ ଟ୍ରେଜେରୀ ଚାଲାଣ ଆକାରରେ ଜମା କରିବେ ।
13. ନିଲାମଧାରୀ ଲଘୁ ଖଣିଜଦ୍ରବ୍ୟର ଉତ୍ତୋଳନ କୌଣସି ଯାନ୍ତ୍ରିକ ଉପାୟରେ କରିବେ ନାହିଁ ତଥା କୌଣସି ଭାରୀଯାନ ବ୍ୟବହାର କରିବେ ନାହିଁ ।
14. ଲିଜଧାରୀ Mines Act 1952 ଏବଂ Explosive Act 1984 ର ସମସ୍ତ ନିୟମ ଓ ସର୍ତ୍ତାବଳୀ ର ଅନ୍ତର୍ଭୁକ୍ତ ରହିବେ ।

15. ସର୍ବୋଚ୍ଚ ନିଲାମଧାରୀ ବାଲି ଉତ୍ସ ପରିଚାଳନା ନିମନ୍ତେ ଆବଶ୍ୟକୀୟ ମଞ୍ଜୁରୀ ( Consent to establish & consent to operate) ଓଡିଶା ପ୍ରଦୂଷଣ ବୋର୍ଡରୁ (Orissa Pollution Control Board ) ନିଜ ଖର୍ଚ୍ଚରେ ପ୍ରାପ୍ତ କରିବେ ।
16. ସର୍ବୋଚ୍ଚ ନିଲାମଧାରୀ ସମସ୍ତ (Clearance) ଦେୟ ଜମା କରିବା ପରେ ଫର୍ମ ଏନ (Form N) ରେ ଚୁକ୍ତି ପତ୍ର ସ୍ଵାକ୍ଷର କରିବା ସହ ନିଜ ଖର୍ଚ୍ଚରେ ଏହାକୁ ରେଜିଷ୍ଟ୍ରେଶନ ( Indian Registration Act 1908 & Indian Stamp Act 1899) ଅନୁଯାୟୀ ସମ୍ପାଦନ କରିବେ ।
17. ସୂଚନାଫଳକ (Display Board) ତିଆରି କରି ସେଥିରେ ସୈରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏ ସବୁ କାର୍ଯ୍ୟ ସମ୍ପାଦନ ପାଇଁ ଖର୍ଚ୍ଚ ଲିଜଧାରୀ ବହନ କରିବେ ।
18. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲା ପରେ କାର୍ଯ୍ୟାଦେଶ ଦିଆଯିବ ।କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରତ ଉତ୍ସରୁ ଲଘୁ ଖଣିଜ ଦ୍ରବ୍ୟ ଉଠାଇ ପାରିବେ ନାହିଁ ।
19. ନିଲାମ ଦରଖାସ୍ତକାରୀ ମାନେ ତଥା ଲିଜ ଗ୍ରହିତା ଓଡିଶା ଲଘୁ ଖଣିଜ ଦ୍ରବ୍ୟ ନିୟମ 2016 ଓ 2017 ଏବଂ ତତ୍ ସଂଲଗ୍ନ ସମସ୍ତ ସରକାରୀ ଓ ଅଦାଲତ ର ଆଦେଶ ମାନିବାକୁ ବାଧ ହେବେ ।
20. ଯଦି ଉକ୍ତ ନିଲାମ ଇସ୍ତାହାରରେ କୌଣସି ତୃଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର ଅଧିକାର କ୍ଷମତାପ୍ରାପ୍ତ,ଅଧିକାରୀଙ୍କ ରହିଛି ଏବଂ କ୍ଷମତା ପ୍ରାପ୍ତ ଅଧିକାରୀ କୈଣସି କାରଣ ନ ଦର୍ଶାଇ ଉପରୋକ୍ତ ଲିଜ ବାତିଲ ବା ସ୍ଥଗିତ କରିପାରିବେ ।

ନିଲାମ ସ୍ଥାନ- ତହସିଲଦାରଙ୍କ କାର୍ଯ୍ୟାଳୟ,ଜଗତସିଂହପୁର ଧାର୍ଯ୍ୟ ତାରିଖ – 04.06.2021

ନିଲାମ ତାରିଖ ଦିନ ଦରଖାସ୍ତକାରୀ ଅନୁପସ୍ଥିତ ରହିଲେ ତାଙ୍କର କୌଣସି ଅଭିଯୋଗ ଶୁଣାଯିବ ନାହିଁ ।

ତହସିଲଦାର ,ଜଗତସିଂହପୁର

ସ୍ମାରକ ସଂଖ୍ୟା : ୧୪୩୦ ତା: ୧୬.୦୫.୨୦୨୧

ଏହାର ଏକକିତା ନକଲ ଜିଲ୍ଲାପାଳ, ଜଗତସିଂହପୁର/ ଉପଜିଲ୍ଲାପାଳ, ଜଗତସିଂହପୁର/ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜଗତସିଂହପୁର/ କାର୍ଯ୍ୟ ନିର୍ବାହି ଅଧିକାରୀ,ଜଗତସିଂହପୁର,ମ୍ୟୁନିସିପାଲଟିଙ୍କ ଅବଗତି ନିମନ୍ତ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜଗତସିଂହପୁରଙ୍କ ନୋଟିସ ବୋର୍ଡ/ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡ/ସମସ୍ତ ରାଜସ୍ଵ ନିରିକ୍ଷକଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡ/ସମ୍ପୃକ୍ତ ଗ୍ରାମପଞ୍ଚାୟତ ନୋଟିସ ବୋର୍ଡ/ଜନସାଧାରଣଙ୍କ ଅବଗତି ନିମନ୍ତେ ସମ୍ପୃକ୍ତ ରାଜସ୍ଵ ଗ୍ରାମରେ ଲଟକାଇବା ନିମନ୍ତେ ସମ୍ପୃକ୍ତ ଅଧିକାରିମାନଙ୍କ ନିକଟକୁ ପ୍ରେରଣ କରାଗଲା ।

ତହସିଲଦାର ,ଜଗତସିଂହପୁର

# ଲିଜ ପାଇଁ ଉର୍ଦ୍ଦିଷ୍ଟ ସୈରାତ ଉତ୍ସର ବିସ୍ତାରିତ ବିବରଣୀ

| କ୍ରମିକ ସଂଖ୍ୟା | ସୈରାତ ଉତ୍ସ ର ନାମ ଏବଂ କେଶ ନମ୍ବର | ମୌଜାର ନାମ | ଖାତା ନଂ | ପ୍ଲଟ ନଂ | ରକବା | ଲଘୁ ଖଣିଜ ଦ୍ରବ୍ୟ ର ନାମ | ସର୍ବନିମ୍ନ ରୟାଲିଟି ମୂଲ୍ୟ (per cum) ଟଙ୍କାରେ | ଅତିରିକ୍ତ ଦେୟ (Additional Charge per cum ) ଟଙ୍କାରେ | Mining plan ଅନୁଯାୟୀ ବାର୍ଷିକ ଧାର୍ଯ୍ୟ ପରିମାଣ | ଅଗ୍ରୀମ ଦାଖଲ ଅମାନତ ରାଶି Earnest Money ର ପରିମାଣ ଟଙ୍କାରେ (in Rs.) |
|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| 1 | ମୁଣ୍ଡିଲୋ - ପାଟେଣିଗାଁ ଦେବୀନଦୀ ସୈରାତ ଉତ୍ସ କେଶ ନମ୍ବର 3/2021 | ମୁଣ୍ଡିଲୋ | 496 | 791 | Ac.14.86(P) | ବାଲି | Rs.130.00 | Rs.35.00 | 8000 Cubic meter | Rs.66,000.00 |
| | | ପାଟେଣିଙ୍ଗା | 807 | 821(p) | 1.00(P) | | | | | |

ତହସିଲଦାର ,ଜଗତସିଂହପୁର